

A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 40
Sunday, 13 April 2025, Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୧୩ ଅପ୍ରେଲ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA


ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ






## ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)



## ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

DADLS-11 OIPR-15001/13/0502/2526


# ରାଷ୍ଟ୍ରପତିଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨/୦୪(ନ୍ୟୁ.ଏ): ରାଜ୍ୟପାଳଙ୍କ ଦ୍ୱାରା ପଠାଯାଇଥିବା ବିଧେୟକ ଉପରେ ତିନି ମାସ ଭିତରେ ରାଷ୍ଟ୍ରପତି ନିଷ୍ପତ୍ତି ନେବେ । ତାମିଲନାଡୁ ରାଜ୍ୟ ବନାମ ତାମିଲନାଡୁ ରାଜ୍ୟପାଳ ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି । ସମ୍ବିଧାନର ଧାରା ୨୦୧ ଅନୁସାରେ ରାଷ୍ଟ୍ରପତିଙ୍କ ବିଚାର ପାଇଁ ରାଜ୍ୟପାଳଙ୍କ ଦ୍ୱାରା ରଖାଯାଇଥିବା ବିଲ୍ ଉପରେ ଆକ୍ସନ ନେବା ପାଇଁ ସମୟ ଧାର୍ଯ୍ୟ କରିଛନ୍ତି । ଏହାସହ ରାଷ୍ଟ୍ରପତିଙ୍କ କାର୍ଯ୍ୟ ନ୍ୟାୟିକ ସମୀକ୍ଷା ଅଧୀନରେ ରହିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସେହିପରି ସମ୍ବିଧାନର ଧାରା ୨୦୦ ଅନୁସାରେ ବିଲ୍ ଉପରେ ରାଜ୍ୟପାଳଙ୍କ ଆକ୍ସନ ପାଇଁ ମଧ୍ୟ ସମୟସୀମା ଧାର୍ଯ୍ୟ କରିଛନ୍ତି । ତାମିଲନାଡୁ ରାଜ୍ୟ ବନାମ ତାମିଲନାଡୁ ରାଜ୍ୟପାଳ ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ବିଳମ୍ବିତ ରାତିରେ ୪୧୫ ପୃଷ୍ଠାର ଏକ ରାୟ ରିଲିଜ୍ କରିଛନ୍ତି । ସୁପ୍ରିମକୋର୍ଟଙ୍କ ଅଫିସିଆଲ୍ ସାଇଟରେ ଏହି ରାୟକୁ ଅପଲୋଡ୍ କରାଯାଇଛି । ନ୍ୟାୟମୂର୍ତ୍ତି ଜେପି ପରୀଦିୱାଲା ଓ ଜଷ୍ଟିସ୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି,



'ରାଜ୍ୟପାଳଙ୍କ ଦ୍ୱାରା ବିଚାର ପାଇଁ ସଂରକ୍ଷିତ ରଖାଯାଇଥିବା ବିଲ୍ ଉପରେ ରାଷ୍ଟ୍ରପତି ତିନି ମାସ ଭିତରେ ନିଷ୍ପତ୍ତି ନେବା ଆବଶ୍ୟକ ।' ରାୟରେ କୁହାଯାଇଛି ଯେ ଯଦି ଏହି ଅବଧିକୁ ଅତିକ୍ରମ କରାଯାଏ ତେବେ ସମ୍ବନ୍ଧୀତ ରାଜ୍ୟ ସରକାରଙ୍କୁ ବିଳମ୍ବ ପଛର କାରଣ ଜଣାଇବାକୁ ହେବ । ତେବେ ଏଥିରେ ରାଜ୍ୟ ସରକାରଙ୍କ ମଧ୍ୟ ସହଯୋଗ କରିବେ । ଆଦେଶରେ କୁହାଯାଇଛି ଯେ ସମ୍ବିଧାନର ଅନୁଚ୍ଛେଦ ୨୦୧ ଅନୁସାରେ କୌଣସି ବିଧେୟକକୁ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ନିକଟକୁ ପଠାଗଲେ, ତାହା ଉପରେ ସହମତି କମ୍ବା ଅସହମତି ଦେବାକୁ ପଡ଼ିଥାଏ । ତେବେ ସମ୍ବିଧାନରେ ଏହି ପ୍ରକ୍ରିୟା ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟପାଳଙ୍କ ପରି ରାଷ୍ଟ୍ରପତି ମଧ୍ୟ 'ଆବସୋଲ୍ୟୁଟ୍ ଭିଟୋ'କୁ ବ୍ୟବହାର କରିପାରିବେ ନାହିଁ । ଅର୍ଥାତ୍ ସେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବିଲକୁ ବିଚାରାଧୀନ ରଖିପାରିବେ ନାହିଁ । ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ନିର୍ଦ୍ଧାରିତ ସମୟସୀମା ଭିତରେ ରାଷ୍ଟ୍ରପତି କୌଣସି ନିଷ୍ପତ୍ତି ନନିଅନ୍ତି ତେବେ ସମ୍ବନ୍ଧୀତ ରାଜ୍ୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ । ଯଦି କୌଣସି ବିଧେୟକକୁ ତାର ସାମ୍ବିଧାନିକ ବୈଧତା କାରଣରୁ ରୋକା ଯାଏ ତେବେ ସେହି କ୍ଷେତ୍ରରେ କାର୍ଯ୍ୟପାଳିକା ଅଦାଲତ ଭୂମିକା ନଗ୍ରହଣ କରିବା ଦରକାର ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ଏପରି ମାମଲାକୁ ଅନୁଚ୍ଛେଦ ୧୪୩ ଅଧୀନରେ ସୁପ୍ରିମକୋର୍ଟ ପଠାଯିବା ଦରକାର । ଏହି ରାୟ ଏଭଳି ସମୟରେ ଆସିଛି ଯେତେବେଳେ ସର୍ବୋଚ୍ଚ ଅଦାଲତ ତାମିଲନାଡୁ ରାଜ୍ୟପାଳ ଆର୍ ଏନ୍ ରବିଙ୍କ ଦ୍ୱାରା ୧୦ ବିଧେୟକକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବା ପଦକ୍ଷେପକୁ ବେଆଇନ ଓ ତ୍ରୁଟିପୂର୍ଣ୍ଣ କହିଥିଲେ ।

## ୧୭ ଯାଏଁ କାଳବୈଶାଖୀ



ଭୁବନେଶ୍ୱର, ୧୨/୦୪(ଆ.ପ୍ର): ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିବ । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି । ତେଣୁ ତାପମାତ୍ରା ବୃଦ୍ଧି ପାଇବ ନାହିଁ କିମ୍ବା ବଡ଼ ଧରଣର ପରିବର୍ତ୍ତନ ସମ୍ଭାବନା ଦେଖାଯାଉନି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଗତ ୨୪ ଘଣ୍ଟା ଭିତରେ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରକୋପ ଦେଖାଇଥିଲା । ଶୁକ୍ରବାର ରାଜ୍ୟରେ ଖରା ପ୍ରକୋପ କମ୍ ଥିଲା । ଟିଟିଲାଗଡ଼ ଓ ବଲାଙ୍ଗିର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର କରିଥିବା ବେଳେ ଉପକୂଳ ଓଡ଼ିଶା ୩୫ ଡିଗ୍ରୀ ପାଖାପାଖି ରହିଥିଲା । ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ହେଲା, ଶନିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ମୟୂରଭଞ୍ଜ, ଗଜପତି, ରାୟଗଡ଼ା ଓ କୋରାପୁଟରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ସହ ଧୂଳିଝଡ଼ ଆଶଙ୍କା ଅଛି । ୧୨, ୧୩, ୧୪, ୧୫ ତାରିଖରେ କାଳବୈଶାଖୀ ପ୍ରକୋପ ଅଧିକ ରହିବ । ୧୬ ଓ ୧୭ରେ କାଳବୈଶାଖୀ ପ୍ରକୋପ କମିଲେ ମଧ୍ୟ କେତେକ ସ୍ଥାନରେ ଜାରି ରହିବ ।

## ଖୁବଶୀଘ୍ର ଉପନିର୍ବାଚନ

ଭୁବନେଶ୍ୱର, ୧୨/୦୪(ଆ.ପ୍ର): ଖୁବଶୀଘ୍ର ରାଜ୍ୟରେ ହେବ ପଂଚାୟତ ଉପନିର୍ବାଚନ । ୧ ହଜାର ୧୩୪ଟି ଆସନରେ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ୫ଟି ଜିଲ୍ଲା ପରିଷଦ ସଭ୍ୟ, ୪୧ଟି ପଂଚାୟତ ସମିତି ସଦସ୍ୟ, ୪୫ଟି ସରପଂଚ ଓ ୨୭୨ଟି ୱାର୍ଡମେମ୍ବର ପାଇଁ ଉପନିର୍ବାଚନ ହେବ । ଏହା ସହିତ ନିର୍ବାଚନ ସ୍ଥଗିତ ଥିବା ୭୭୧ଟି ୱାର୍ଡରେ ନୂତନ ଭାବେ ହେବ ଭୋଟ୍ । ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିବାରୁ ସେଠାରେ ନିର୍ବାଚନ ବନ୍ଦ ରହିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଆସନ୍ତା ୧୭ରୁ ୨୨ ତାରିଖ ମଧ୍ୟରେ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ ହେବ । ୨୪ରେ ସଂପୃକ୍ତ ଗ୍ରାମପଂଚାୟତ ମୁଖ୍ୟାଳୟରେ ୱାର୍ଡୱାରୀ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ହେବ ଏବଂ ଏପ୍ରିଲ ୩୦ ତାରିଖ ସୁଦ୍ଧା ଅଭିଯୋଗ ଗ୍ରହଣ କରି ମେ ୨ରୁ ୫ ତାରିଖ ମଧ୍ୟରେ ସଂପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ । ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମେ' ୯ ତାରିଖ ଦିନ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ ।

# ନେତାଙ୍କୁ ନଡ୍ଡାଙ୍କ ଗୁରୁମନ୍ତ୍ର



ଭୁବନେଶ୍ୱର, ୧୨/୦୪(ଆ.ପ୍ର): ପୁରୀରେ ବିଜେପି ପ୍ରଶିକ୍ଷଣ ଶିବିରରେ ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଗୁରୁମନ୍ତ୍ର । ବ୍ୟକ୍ତିତ୍ୱକୁ ସୁଧାରି ଗ୍ରାଉଣ୍ଡରେ ରହିବାକୁ ପରାମର୍ଶ । ଗ୍ରୁପଇଜିମ୍ କି ଚାପୁଲିସି ନକରି ଏକ୍ ହୋଇ ରହିବାକୁ ପଢ଼ାଇଲେ ପାଠ । କହିଲେ କ୍ୟାମେରା ଲେନ୍ସ ପାଖକୁ ଯାଅନି, ଏମିତି କାମ କର ଯେମିତି ତୁମ ପାଖକୁ ଲେନ୍ସ ଆସିବ । ତିନି ଦିନିଆ ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଆଜି ନଡ୍ଡାଙ୍କ ସହ ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ବି. ସତୀଶ ଏବଂ ସାଂସଦ ସମ୍ବିତ ପାତ୍ର ମଧ୍ୟ ସେସନ୍ ନେଇଥିଲେ । ବିଧାୟକ, ସାଂସଦ କି ମନ୍ତ୍ରୀ ବୋଲି ଗର୍ବ-ଅହଂକାର ଛାଡ଼ । ଗ୍ରୁପିଜିମ୍ କି ଚାପୁଲିସି କରନି । ପ୍ରଥମେ ନିଜର ବ୍ୟକ୍ତିତ୍ୱ ବନାଅ । ଅଙ୍ଗନବାଡି, ମେଡିକାଲକୁ ଯାଇ ଅଧେ ଘଣ୍ଟା ଲେଖାଏଁ ବସ । ନିଜ ଅଂଚଳର ଦଳିତ ପରିବାର ସହ ସମ୍ପର୍କରେ ରୁହ । ଅଫିସରଙ୍କ ସହ ଭଲ ସମ୍ପର୍କ ରଖି କାମ ଆଦାୟ କରିବା ଶିଖ । ସରକାର ସହ ସଂଗଠନକୁ ନେଇକି ଚାଲ । ବିଜେପି ପ୍ରଶିକ୍ଷଣ ବର୍ଗରେ ବିଧାୟକ ଏବଂ ସାଂସଦମାନଙ୍କୁ କିଛି ଏମିତି ଟାସ୍କ ଦେଇଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ପ୍ରଶିକ୍ଷଣ ଶିବିରରେ ଘଣ୍ଟାଏରୁ ଅଧିକ ସମୟ ଧରି ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀମାନଙ୍କ କ୍ଲାସ ନେଇଥିଲେ ନଡ୍ଡା । ସରକାର, ସଂଗଠନ ଏବଂ ସୁସଂପର୍କ ଉପରେ ଗୁରୁତ୍ୱ ଦେଇ ୧୪ ଟି ବିନ୍ଦୁ ଉପରେ ଦେଇଥିଲେ ପରାମର୍ଶ । କହିଥିଲେ, ଗ୍ରାଉଣ୍ଡକୁ ଯାଅ, ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କର । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୋଜନାକୁ ଜାଣ । ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗ୍ରାଉଣ୍ଡକୁ ଯାଇ ଦେଖ । ଏମିତିକି ଅଙ୍ଗନବାଡି ଏବଂ ମେଡିକାଲରେ ଯାଇ ସମୟ ବିତାଅ । ନିଜ ନିଜ ଅଂଚଳର ଦଳିତ ପରିବାର ସହ ସମ୍ପର୍କ ରଖି ତାଙ୍କୁ ବିଭିନ୍ନ ଯୋଜନାରେ ସାମିଲ କର । ପୁରୀରେ ତିନି ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି କ୍ଲାସ ନେଇଥିଲେ ନଡ୍ଡା, ଯେଉଁଠି ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହ ପ୍ରଭାରୀ, ସହ ପ୍ରଭାରୀ ଏବଂ ତିନି କେନ୍ଦ୍ରମନ୍ତ୍ରୀ । ବିଜେପିର ସମସ୍ତ ବିଧାୟକ ଏବଂ ସାଂସଦ ଏଥିରେ ଯୋଗ ଦେଇଥିଲେ । ନଡ୍ଡାଙ୍କ ପରେ ସୋସିଆଲ ମିଡିଆ ସେସନ ନେଇଥିଲେ ସାଂସଦ ସମ୍ବିତ ପାତ୍ର । ସୋସିଆଲ ମିଡିଆରେ ବିରୋଧୀଙ୍କୁ କେମିତି କାଉଣ୍ଟର କରାଯିବ, ଏହା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନାର କେମିତି ପ୍ରଚାର ପ୍ରସାର ହେବ ସେନେଇ ଟିପ୍ସ ଦେଇଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସେସନ ନେଇଛନ୍ତି । ଆଜି ୪ଟି ସେସନରେ ନେତା ପାଠ ପଢ଼ିଥିବା ବେଳେ ଆଜି ୪ଟି ସେସନ ରହିଛି । ଆଜି ସହ ସଂଗଠନ ମହାମନ୍ତ୍ରୀ ବି. ସତୀଶ ଏବଂ ସୁନୀଲ ବଂଶଲ ଏବଂ ବିଏଲ୍ ସନ୍ତୋଷ ଯୋଗ ଦେଇ ଗୋଟିଏ ଗୋଟିଏ ସେସନ ନେବେ ।

## ତତ୍କାଳ ବୁକିଂ: ଏବେ କ୍ୟାନସଲ୍ ହେଲେ ପାଇବେ ଟଙ୍କା

ଭୁବନେଶ୍ୱର, ୧୨/୦୪(ଆ.ପ୍ର): ତତ୍କାଳ ଟିକେଟ ବୁକିଂ ହେଲା ଆହୁରି ସହଜ । ନିୟମରେ ପରିବର୍ତ୍ତନ ଆଣିଲା ଭାରତୀୟ ରେଳବାଇ । ଏପ୍ରିଲ ୧୦ ତାରିଖରୁ ଭାରତୀୟ ରେଳ ବିଭାଗ ତତ୍କାଳ ଟିକେଟ୍ ବୁକିଂରେ ନିୟମ ପରିବର୍ତ୍ତନ ଆଣି ସାରିଛି । ଯାହା ଆପଣ ଜାଣିବା ନିହାତି ଆବଶ୍ୟକ । ତତ୍କାଳ ଟିକେଟ୍ ବୁକିଂକୁ ଆହୁରି ସରଳ କରିଛି ରେଳବାଇ । ଏଣିକି ଏସି କ୍ଲାସ ବୁକିଂ ସକାଳ ୧୦:୧୦ରୁ ଆରମ୍ଭ ହେବ । ସେହିପରି ସ୍ଲିପର କ୍ଲାସ ବୁକିଂ ସକାଳ ୧୧,୧୦ ମିନିଟ୍‌ରୁ ଆରମ୍ଭ କରାଯିବ । ପୂର୍ବରୁ ଏସି ଏବଂ ସ୍ଲିପର ମଧ୍ୟରେ ୩୦ ମିନିଟ୍ ବ୍ୟବଧାନ ଥିଲା । ଯାହାକୁ ଏବେ ୧୦ ମିନିଟ୍‌କୁ କମାଇ ଦିଆଯାଇଛି । ଫଳରେ ଟିକେଟି ବୁକିଂ ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ଆଶ୍ୱସ୍ତ ହେବେ । ନୂତନ ନିୟମ ଅନୁସାରେ ଟିକେଟ୍ ବୁକିଂ ପାଇଁ ଓଟିପି ଏବଂ କ୍ୟାପ୍ଚାକୁ ଏବେ ବାଧ୍ୟତାମୂଳକ କରାଯାଇଛି । ଫଳରେ ଟିକେଟ୍ ପୂର୍ବରୁ ଆପଣଙ୍କ ମୋବାଇଲକୁ ଆସୁଥିବା ଓଟିପି ଦେବାକୁ ପଡ଼ିବ । ସେହିପରି କ୍ୟାପ୍ଚା ମଧ୍ୟ ଆପଣ ଦେବେ । ଅନ୍‌ଲାଇନ୍ ଟିକେଟ୍ ବୁକିଂକୁ ସୁରକ୍ଷିତ କରିବା ପାଇଁ ଭାରତୀୟ ରେଳବାଇ ଏହି ପଦକ୍ଷେପ ନେଇଥିବାବେଳେ ଟିକେଟ୍ ବୁକ୍ କରିବାକୁ ହେଲେ ଆପଣଙ୍କୁ ପ୍ରଥମେ IRCTC ୱେବସାଇଟକୁ ଲଗଇନ୍ କରିବାକୁ ହେବ । ଏହା ପରେ ଯାତ୍ରା ତାରିଖ, ଟ୍ରେନ୍ ନମ୍ବର ଏବଂ କୋଚ୍ ଚୟନ କରନ୍ତୁ । କୋଟାରେ 'ତତ୍କାଳ' ବିକଳ୍ପକୁ ମଧ୍ୟ ଚୟନ କରିବେ । ଏହାପରେ ଆପଣ ଆପଣଙ୍କ ସମ୍ପୂର୍ଣ୍ଣ ଯାତ୍ରା ବିବରଣୀ ଦେଇପାରିବେ । ଯେପରିକି. ନାମ, ବୟସ, ଲିଙ୍ଗ, ଓଟିପି, କ୍ୟାପ୍ଚା ଦେବେ । ଶେଷରେ ଆପଣ ପେମେଣ୍ଟ କରିବା ପରେ ଆପଣଙ୍କ ଟିକେଟ୍ ବୁକ୍ ହୋଇପାରିବ । ସେହିପରି ଆପଣ ଅଫଲାଇନରେ ତତ୍କାଳ ଟିକେଟ୍ ବୁକିଂ କରିବାକୁ ଚାହୁଁଥିଲେ ନିକଟସ୍ଥ ଷ୍ଟେସନର ରିଜର୍ଭେସନ କାଉଣ୍ଟରକୁ ଯିବାକୁ ହେବ । ଫର୍ମ ଅନୁସାରେ ଆବେଦନ କରିବା ପରେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦେବେ । ଯାହାଦ୍ୱାରା ଆପଣ ତତ୍କାଳ ଟିକେଟ୍ ପାଇପାରିବେ ।

